ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR (OD)/CS-GA-831-5/12/20



## ଧାନକୁଣ୍ଡା ତେଲ-କୃଷକଙ୍କ ପାଇଁ ବୈଷୟିକ ବରଦାନ

### ଏ କ୍ଷେତ୍ରରେ ଉଦ୍ୟୋଗ ବିକାଶ ନିମନ୍ତେ ଚାହିଦା ଅନୁଧାନ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୫.୧୨.୨୦

ଏକଦା କେବଳ ଗୋ-ଖାଦ୍ୟ ଏବଂ ଜାଳେଣି ବ୍ୟତୀତ ଅନ୍ୟ ବିଶେଷ ପ୍ରୟୋଜନରେ ଆସୁନଥିବା ଧାନକୁଣ୍ଡା ଏବେ ଏକ ଲାଭକାରୀ ଦ୍ରବ୍ୟରେ ପରିଣତ ହୋଇଛି । କୃଷିକ୍ଷେତ୍ରରେ ବୈଷୟିକ କୌଶଳ ପ୍ରୟୋଗ ନିମନ୍ତେ ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ହେତୁ ଏହା ସମ୍ଭବ ହୋଇପାରିଛି । ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ୍ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରୁ ଏହା ଜଣାପଡିଛି । ରାଜ୍ୟ ଲୋକସେବା ଭବନରୁ ଡିଜିଟାଲ୍

ମୋଡ଼୍‌ରେ ଅନୁଷ୍ଠିତ ଏହି ବୈଠକରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ ଏ ସମ୍ବନ୍ଧିତ ସଦ୍ୟତନ ତଥ୍ୟ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ ।

ରାଜ୍ୟରେ ଧାନକୁଣ୍ଡା-ତୈଳ ଉତ୍ପାଦନର ସମ୍ଭାବନା ବିଷୟ ବିଚାର କରି ଏହି ତେଲର ବିପଣୀ-ସୁଯୋଗ ଏବଂ କଞ୍ଚାମାଲ ଯୋଗାଣ ସମ୍ବନ୍ଧିତ ବିଷୟର ସଠିକ୍ ଅନୁଧ୍ୟାନ କରିବା ନିମନ୍ତେ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ବିଭାଗଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେ କହିଥିଲେ ଯେ ଧାନକୁଣ୍ଡା ତେଲରେ ରୋଗପ୍ରତିରୋଧକ ପୁଷ୍ଟି ଏବଂ ସକାରାତ୍ମକ ଘୃତ ଗୁଣ ରହିଥିବାରୁ ଏହାକୁ ଏକ ଲାଭାକାରୀ ଉଦ୍ୟୋଗ ଭାବେ ବିକଶିତ କରିହେବ । ଏହାର ବଜାର ଚାହିଦା ଓ ବିପଣୀ-ସୁଯୋଗ ର ସଠିକ ଅନୁଶୀଳନ ଯୁବ-ଉଦ୍ୟୋଗୀ ମାନଙ୍କ ନିମନ୍ତେ ପ୍ରଥ-ପ୍ରଦର୍ଶକ ହେବ ବୋଲି ଶ୍ରୀ ତ୍ରିପାଠୀ କହିଥିଲେ ।

ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପରେ କୋଭିଡ୍ ପ୍ରଭାବ ପ୍ରଶମନ ପରିଯୋଜନା ବିଷୟ ଉପସ୍ଥାପନ କରି ପ୍ରମୁଖ ଶାସନ ସଚିବ ଶ୍ରୀ ସାହୁ କହିଥିଲେ ଯେ ଧାନକୁଣ୍ଡା-ତୈଳ ଉଦ୍ୟୋଗକୁ ବିଭିନ୍ନ ପ୍ରକାର ପ୍ରୋତ୍ସାହନ ଦିଆଯାଇ ପାରିବ । ଏଥିପାଇଁ ନିଆଯାଇଥିବା ଋଣ ର ସୁଧବାବଦରେ ଉତ୍ପାଦନ ଆରମ୍ଭରୁ ୫ ବର୍ଷ ପର୍ଯ୍ୟନ୍ତ ୫% ରିହାତି ; ଉତ୍ପାଦନ ଆରମ୍ଭରୁ ୫ ବର୍ଷ ପର୍ଯ୍ୟନ୍ତ ରାଜ୍ୟ ଜି.ଏସ୍.ଟି ର ୭୫% ଭାଗ ପ୍ରତିପୁରଣ; ୫୦୦ କେଭି ବିଦ୍ୟୁତ ଚାହିଦାରେ ୫ ବର୍ଷ ପର୍ଯ୍ୟନ୍ତ *ଇଲେକ୍ଟ୍ରିସିଟି ଡ୍ୟୁଟି* ରିହାତି; ଗୁଣାତ୍ମକମାନ ପ୍ରମାଣପତ୍ର ପାଇଁ ଆର୍ଥିକ ସହାୟତା; ନିୟୋଜନ ମୂଲ୍ୟ ରିହାତି ; ଏବଂ, ବୈଷୟିକ କୌଶଳ ସମ୍ବନ୍ଧିତ ଜ୍ଞାନ ଆଦି ଯୋଗାଇ ଦିଆଯିବାର ପ୍ରାବଧାନ କରାଯାଇଛି ।

ଶିଳ୍ପ ନିର୍ଦ୍ଦେଶକ ଶ୍ରୀ ରେଘୁ ଜି. ଜଣାଇଥିଲେ ଯେ ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୨ଟି କୁଣ୍ଡାତୈଳ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରାଯାଇଛି । ଏଗୁଡିକ ମଧ୍ୟରୁ ବରଗଡ଼ ଜିଲ୍ଲାରେ ୭ଟି, ଯାଜପୁର ରେ ଗୋଟିଏ, ଖୋର୍ଦ୍ଧାରେ ଗୋଟିଏ ଏବଂ ବାଲେଶ୍ୱରରେ ୨ଟି ଉଦ୍ୟୋଗ କାର୍ଯ୍ୟକ୍ଷମ ରହିଛି । ଏପ୍ରକାର ଉଦ୍ୟୋଗମାନଙ୍କୁ ଚଳିତ ବର୍ଷ ନଭେମ୍ବର ଶେଷସୁଦ୍ଧା ୧୧୧୫.୩୪ ଲକ୍ଷ ଟଙ୍କାର ବିଭିନ୍ନ ପ୍ରକାର ରିହାତି ଓ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି ।

କ୍ଷେତ୍ର ଅନୁଧ୍ୟାନ କରୁଥିବା ଶିଳ୍ପ ବିଭାଗ ବରିଷ୍ଠ ଅଧିକାରୀ ଶ୍ରୀ ମଦନ ମୋହନ ପାତ୍ର ଜଣାଇଥିଲେ ଯେ ଧାନକୁଣ୍ଡା ତୈଳ ଏକ ଲାଭକାରୀ ଉଦ୍ୟୋଗ । ଏକ କ୍ୱିଣ୍ଟାଲ ଧାନରୁ ମିଳୁଥିବା କୁଣ୍ଡାରୁ ପ୍ରାୟ ୮୦୦ ମିଲିଲିଟର ସ୍ୱାସ୍ଥ୍ୟ ଉପଯୋଗୀ ଖାଇବା ତେଲ ଉତ୍ପାଦନ ହୋଇପାରୁଛି । ଅନ୍ୟାନ୍ୟ ରିଫାଇନ୍ ତେଲଠାରୁ ଏହି ତେଲ ମଧ୍ୟ ବଜାରରେ ଅଧିକ ଦାମ୍‌ରେ ବିକ୍ରି ହେଉଛି । ଅଧିକ ଧାନ ଉତ୍ପାଦନକାରୀ ଜିଲ୍ଲା ମାନଙ୍କରେ ଏପରି ଉଦ୍ୟୋଗର ଅନେକ ସୁଯୋଗ ରହିଛି ।

ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ଅଶୋକ କୁମାର ମୀନା, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ, ଶିଳ୍ପ ନିର୍ଦ୍ଦେଶକ ଶ୍ରୀ ରେଘୁ ଜି. , ସହ-ନିର୍ଦ୍ଦେଶକ ଶ୍ରୀ ସରୋଜ ହୋତା ଏବଂ ମଦନ ମୋହନ ପାତ୍ର ପ୍ରମୁଖ ବୈଠକର ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

ଉମାକାନ୍ତ ମହାପାତ୍ର,

ସୂଚନା ଅଧିକାରୀ, ମୁଖ୍ୟ ଶାସନ ସଚିବ